# ରବି ଧାନ କ୍ରୟକୁ ନେଇ ଆଶା ଆଶଙ୍କାରେ ଚାଷୀ

ସମ୍ବଲପୁର, ୨୨।୨ (ସମିସ)

ଚଳିତ ଖରିଫ୍‌ରେ ଧାନକ୍ରୟ ଏପର୍ଯ୍ୟନ୍ତ ବ୍ୟବସ୍ଥିତ ହୋଇପାରିନାହିଁ। ପୁଣି ଡିସେମ୍ବର ପ୍ରଥମ ସପ୍ତାହରୁ ଜିଲ୍ଲାରେ ରବି ଧାନଚାଷ ଆରମ୍ଭ ହୋଇଯାଇଛି। ଏବେ ପହ୍ଲା ରୁଆ ସରିବାପରେ ଦ୍ୱିତୀୟ ପର୍ଯ୍ୟାୟ ସାର ଦେବା ଆରମ୍ଭ ହେଲାଣି। ଏପ୍ରିଲ ମଧ୍ୟଭାଗ ସୁଦ୍ଧା ଅମଳ ହେବ। ପ୍ରତିବର୍ଷ ସମ୍ବଲପୁର ଜିଲ୍ଲାରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ରବିଋତୁରେ ସରକାରଙ୍କୁ ଧାନ ବିକ୍ରୟ କରିଥାନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାୟ ୧୫ରୁ ୩୦ ଦିନ ପୂର୍ବରୁ ରବି ଧାନ ସଂଗ୍ରହ ସକାଶେ ଜିଲ୍ଲା ଧାନକ୍ରୟ କମିଟି (ଡିଏଲପିସି) ବୈଠକ ଡକାଯାଇଥାଏ। କିନ୍ତୁ ଖରିଫ୍ ଧାନକିଣା ସରିନଥିବାବେଳେ ରବି ଉତ୍ପାଦକୁ ନେଇ ସରକାରୀସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବାରୁ ତାହାକୁ ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଡିସେମ୍ବର ମଧ୍ୟଭାଗ ସୁଦ୍ଧା ଚାଷୀ ଖରିଫ୍ ଧାନ ବିକ୍ରୟକରି ପୁଣି ରବି ଋତୁ ସକାଶେ ଚାଷ କାର୍ଯ୍ୟରେ ଲାଗିଯାଏ। କେନାଲ ଡିସେମ୍ବର ମାସ ୧୦ ରୁ ୨୦ ତାରିଖ ଭିତରେ ପାଣି ଛାଡ଼ିଥାଏ। ସାଧାରଣତଃ ଡିସେମ୍ବର ପ୍ରଥମ ସପ୍ତାହରେ ରବି ଧାନଚାଷ ପାଇଁ ପହ୍ଲା ପକାଯାଇଥାଏ। ଜାନୁଆରୀ ଦ୍ୱିତୀୟ ସପ୍ତାହରୁ ରବି ଧାନଚାଷ ସକାଶେ ପହ୍ଲା ରୋଇବା ଆରମ୍ଭ ହୁଏ। ରୁଆ ସରିବାର ପ୍ରାୟ ୨୦ରୁ ୨୫ ଦିନ ପରେ ଦ୍ୱିତୀୟ ସାର ଦିଆଯାଇଥାଏ। ସମ୍ପ୍ରତି ୧ ମାସ ବିତିଯାଇଥିବାରୁ ଚାଷୀମାନେ ରୁଆ ସମୟରେ କାଦୁଅ-ସାର ଦେଇଥିବାବେଳେ ଏବେ ପିଲ-ସାର ହିସାବରେ ୟୁରିଆ ଓ ପଟାସ ସାର ଦେଉଛନ୍ତି। ବିଭିନ୍ନ ସଂସ୍ଥା ପକ୍ଷରୁ ୟୁରିଆ ଅଭାବ ଦର୍ଶାଇ ସମ୍ବଲପୁର ଜିଲ୍ଲାରେ କଳାବଜାର ଆରମ୍ଭ ହୋଇଯାଇଛି। ପୁଣି ୟୁରିଆ ଦୁଇବସ୍ତା ସହ ନାନୋ ୟୁରିଆ ଜବରଦସ୍ତି ଦେବାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଭଳି ଚାଷୀ ରବି ଫସଲକୁ ଧାରଉର୍ଦ୍ଧାର କରି ପିଲ-ସାର ପର୍ଯ୍ୟନ୍ତ ଯାଇଛି। ଏପ୍ରିଲ ଶେଷ ସୁଦ୍ଧା କେନାଲ ପାଣି ଯୋଗାଇବା ବନ୍ଦ କରିବାସହ ଅମଳ ଆରମ୍ଭ ହୋଇଯିବ। ଏପ୍ରିଲ ୧୫ରୁ ରବି ଧାନ ଅମଳ ଆରମ୍ଭ ହୋଇଯିବ ଏବଂ ମେ ପ୍ରଥମ ସପ୍ତାହରେ ପ୍ରତିବର୍ଷ ମଣ୍ଡି ଖୋଲିଯାଇ ଜୁନ ୧୫ ସୁଦ୍ଧା ଶେଷହୁଏ। ପୁଣି ଜୁନ୍‌ରେ ବର୍ଷା ଆରମ୍ଭ ହୋଇ, ଚାଷୀର ଧାନ ଓଦାହୋଇ ନଷ୍ଟ ହୋଇଯାଇଥାଏ। ଏଯାଏ ସରକାର ରବି ଧାନ କିଣା ନେଇ କୌଣସି ସ୍ପଷ୍ଟ କରିନାହାନ୍ତି। ଆଗାମୀ ରବି ଫସଲ କିଣିବେ କି ନାହିଁ, ତାହାକୁ ନେଇ ଚାଷୀ ଆଶଙ୍କାରେ ରହିଛି। ଚଳିତବର୍ଷ ଖରିଫ୍ ଧାନକିଣା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ ଏବଂ ଅବ୍ୟବସ୍ଥା ଜାରି ରହିଛି।

ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାରେ ରବି ଧାନସଂଗ୍ରହ ୨୦୨୪-୨୫ରେ ଜିଲ୍ଲାର ୧୬୭୫୮ ଜଣ ଚାଷୀ ୧୪୧୮୧୧୭.୬୧ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ। ଏଥର ସରକାର ଯଦି ରବି ଧାନ କ୍ରୟ ନକରନ୍ତି, ତେବେ ଅମଳ ଡାଲୁଆ ଧାନକୁ ନେଇ ଚାଷୀ କରିବ କ'ଣ ଏବଂ ଚାଷ ପାଇଁ କରିଥିବା ଋଣ କିପରି ପରିଶୋଧ କରିବ ବୋଲି ଚିନ୍ତାଗ୍ରସ୍ତ ଚାଷୀ। ହୀରାକୁଦ କମାଣ୍ଡ ଏରିଆର ଚାଷୀ ଉମେଶ ଚନ୍ଦ୍ର ମିଶ୍ରଙ୍କ ଅନୁଯାୟୀ, ଏଭଳି ସମସ୍ୟା କେବେ ହୋଇନଥିଲା, ଏହା ଇତିହାସ। ଖରିଫ୍‌ରେ ଧାନସଂଗ୍ରହ ବିଳମ୍ବ ହେବା ଯୋଗୁଁ ରବି ଚାଷ ବିଳମ୍ବିତ ହେଲା। ଚାଷୀ ଏବେ ସନ୍ଦେହରେ ଅଛନ୍ତି ସରକାର ରବି ଧାନ କିଣିବେ ନା' ନାହିଁ। ଖରିଫ୍‌ରେ ସରକାର ପ୍ରତିଶ୍ରୁତି ଦେଇଥିଲେ ପଞ୍ଜିକରଣ ଅନୁଯାୟୀ ସମସ୍ତ ଧାନ କିଣିବେ। କିନ୍ତୁ ଏବେ ବି ଦ୍ୱନ୍ଦ୍ୱ ଜାରି ରହିଛି। ଖରିଫ୍‌ରେ ସମସ୍ତ ଟୋକନ ବା ୯୦ ପ୍ରତିଶତ ଟୋକନ ଛାଡ଼ିଦେଲୁ ବୋଲି ବାହାବା ନେଉଛନ୍ତି, କିନ୍ତୁ କେତେ ଜମି ରେଜିଷ୍ଟ୍ରେସନ ହୋଇଛି ଏବଂ ସରକାର କେତେ ଟୋକନ ଦେଇଛନ୍ତି। ବଡ଼ ଚାଷୀ ଛୋଟ ଚାଷୀ କଥା ନୁହେଁ ବରଂ ଛୋଟ ଚାଷୀ କର ନେଇକି ଚାଷ କରୁଥିବାରୁ କ୍ଷତିଗ୍ରସ୍ତ ହେଉଛନ୍ତି।

ସମ୍ବଲପୁର କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ରବି ଫସଲରେ ପିଲ-ସାର ଦେବା ଆରମ୍ଭ ହୋଇଛି। ରବି ଫସଲ କମ୍ ଆଇକଟ୍-ଏରିଆ ଏବଂ ପ୍ରାୟତଃ ସମ୍ବଲପୁର ସଦର ସବ୍‌ଡିଭିଜନରେ ଚାଷ ହୋଇଥାଏ। ଏପରିସ୍ଥଳେ ୟୁରିଆ ସାର ଅଭାବ ଦେଖାଯିବା କଥା ନୁହେଁ। କିନ୍ତୁ ବେପାରୀ ଓ କିଛି ସରକାରୀ ଅଧିକାରୀ ମିଶି ୟୁରିଆର କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ରବି ଧାନ କିଣିବାକୁ ନେଇ ସରକାର ଶୀଘ୍ର ତାଙ୍କ ସ୍ଥିତି ସ୍ପଷ୍ଟ କରିବାକୁ ଶ୍ରୀ ଠାକୁର ଦାବି କରିଛନ୍ତି।







ରବିବାର ବଡି ଭୋର୍‌ରେ ଯୁଯୋମୁରା ବ୍ଲକ କୁକୁଡ଼ାପାଲି ପଞ୍ଚାୟତର ସିକ୍ରାପାଲି ଗ୍ରାମରେ ଏକ ଦନ୍ତା ବୁଲୁଥିବା ଦେଖାଯାଇଥିଲା।

# ହୋମଗାର୍ଡ ଚାକିରି ନାଁରେ ୮ ଲକ୍ଷ ଠକେଇ

**ସମ୍ବଲପୁର, ୨୨।୨(ସମିସ):** ହୋମଗାର୍ଡ ଚାକିରି କରାଇଦେବା ନାଁରେ ସମ୍ବଲପୁରରେ ଠକେଇ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ବିଭାଗରେ ଚିହ୍ନା ଅଛି ସହଜରେ ଚାକିରି ମିଳିଯିବ। ଏଥିପାଇଁ ଖର୍ଚ୍ଚ ବାବାଦକୁ କିଛି ଟଙ୍କା ଦେବାକୁ ପଡ଼ିବ, ଏପରି ଲାଳସା ଦେଖାଇ ଜଣେ ଅଭିଯୁକ୍ତ ୮ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛି। ଅଭିଯୋଗ ପରେ ଧନୁପାଲି ଥାନା ପୁଲିସ ଜଣକୁ ଗିରଫ କରିଛି। ସେ ହେଉଛି ଧନୁପାଲି ଥାନା ଚାରଭାଟିର ଦିଲୀପ ସାହୁ(୪୬)। ଯୁଯୁମୁରା ଥାନା ଅଞ୍ଚଳର ୬ ଜଣଙ୍କୁ ହୋମଗାର୍ଡ ଚାକିରି



## ୬ଜଣଙ୍କୁ ଠକି ଜଣେ ଗିରଫ

କରେଇଦେବା ଆଳରେ ୮ ଲକ୍ଷ ୨୭ ହଜାର ଟଙ୍କା ଠକିନେଇଥିଲେ। ସୂଚନା ଅନୁସାରେ ସଦର ଥାନା ପଡ଼ିଆବାହାଲରେ ଦିଲୀପ ସହ ଯୁଯୁମୁରା ଅଞ୍ଚଳର କିଛି ଯୁବକଙ୍କ ସହ ଭେଟ ହୋଇଥିଲା। ପରେ ଦିଲୀପ ପୁଲିସ ବିଭାଗ ସହ ଭଲ ସମ୍ପର୍କ ରହିଥିବା କହିଥିଲା। ଆଗକୁ ହୋମଗାର୍ଡ ଚାକିରି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ତେଣୁ ଜଣଙ୍କ ପିଛା ଲକ୍ଷେରୁ ଅଧିକ ଟଙ୍କା ଦେଲେ ଚାକିରି ମିଳିବ ବୋଲି ଆଶା ଦେଇଥିଲା। ଯୁବକ ମାନେ ଦିଲୀପକୁ ବିଶ୍ୱାସ କରି ଟଙ୍କା ଦେଇଥିଲେ। ସଞ୍ଜୀବ ପ୍ରଧାନ ୨.୯୦ ଲକ୍ଷ, ଡମ୍ବରୁଧର ସାହୁ ୨.୧୯ ଲକ୍ଷ, ଅଗଷ୍ଟୁସ ଏକ୍କା ୯୪ ହଜାର, ବିଜୟ ପ୍ରଧାନ ୯୦ ହଜାର, ଅଙ୍ଗଦ ମିର୍ଧା ୯୪ ହଜାର ଓ ଅଶ୍ୱିନୀ ବେହେରା ୯୪ ହଜାର ଟଙ୍କା ଦିଲୀପକୁ ଦେଇଥିଲେ। ହୋମଗାର୍ଡ ଚାକିରିର ଚୟନ ତାଲିକା ପ୍ରକାଶ ପାଇଥିଲା। ସେଥିରେ ଟଙ୍କା ଦେଇଥିବା ଉପରୋକ୍ତ ଯୁବକଙ୍କ ନାମ ନଥିଲା। ତେଣୁ ସେମାନେ ଦିଲୀପକୁ ଟଙ୍କା ଫେରାଇବାକୁ କହିଥିଲେ। ହେଲେ ଦିଲୀପ ଆଉ ଧରା ଛୁଆଁ ଦେଇନଥିଲା। ଧନୁପାଲି ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅତିରିକ୍ତ ଏସପି ଅଜୟ କୁମାର ମିଶ୍ର କହିଛନ୍ତି।

## ଟଙ୍କା ଦେଇ ପୁଲିସ ଚାକିରି ମିଳେନାହିଁ : ଏଏସ୍‌ପି

ପୁଲିସ ବିଭାଗ ସମସ୍ତ ଚାକିରି ରାଜ୍ୟ ସରକାରୀଙ୍କ ନିଯୁକ୍ତି ପକ୍ରିୟା ଅନୁସାରେ ହୋଇଥାଏ। ଟଙ୍କା ବିନିମୟରେ କୌଣସି ଚାକିରି ମିଳିନଥାଏ। ତେଣୁ ଏଥି ପ୍ରତି ସାବଧାନ ରହିବାକୁ ସମ୍ବଲପୁର ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର କହିଛନ୍ତି। ହୋମଗାର୍ଡ ଚାକିରି ପାଇଁ ସମ୍ବଲପୁର ଧନୁପାଲି ଅଞ୍ଚଳରେ ଠକେଇ ହୋଇଛି। ତେଣୁ ଯେ କେହି ହୋମଗାର୍ଡ ଚାକିରି ପାଇଁ ଟଙ୍କା ଦେଇ ଠକାମୀରେ ପଡ଼ିଛନ୍ତି ତୁରନ୍ତ ଥାନାରେ ଅଭିଯୋଗ କରନ୍ତୁ। ସମ୍ବଲପୁର ହୋମଗାର୍ଡ ଚାକିରି ଦକ୍ଷତା ଭିତିରେ ନିଯୁକ୍ତି ହେଉଛି। ତେଣୁ କେହି ବି ଚାକିରି ପ୍ରଲୋଭନରେ ଟଙ୍କା ଦିଅନ୍ତୁ ନାହି ବୋଲି ସେ କହିଛନ୍ତି।

# 'ପରିଚୟ' ପାଳିଲା ବାର୍ଷିକୋତ୍ସବ

**ସମ୍ବଲପୁର, ୨୨।୨ (ସମିସ):** ହୀରାକୁଦରେ ଆଜି ସାମାଜିକ ଅନୁଷ୍ଠାନ ପରିଚୟର ୧୧ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଜର ନିଷ୍ଠାପର କର୍ମ ଓ ସେବା ମାଧ୍ୟମରେ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ଅନୁଷ୍ଠାନର ମୁଖ୍ୟ ଆଭିମୁଖ୍ୟ ହେଉଛି ମାନସିକ ଅନଗ୍ରସର ଓ ନିରାଶ୍ରୟ ବ୍ୟକ୍ତିମାନଙ୍କୁ ଉଦ୍ଧାର କରିବା। ସୂଚନାଯୋଗ୍ୟ ଯେ, ଅନୁଷ୍ଠାନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ମୋଟ ୬୩୦ ଜଣ ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରି ସୁସ୍ଥ କରିବା ସହ ନିଜ ପରିବାର ସହ ସଫଳତାର ସହ ପୁନଃମିଳନ କରାଯାଇଛି। କେବଳ ଚଳିତ ୨୦୨୫-୨୦୨୬ ବର୍ଷରେ ହିଁ ଅନୁଷ୍ଠାନ ୮୪ ଜଣଙ୍କୁ ଉଦ୍ଧାର କରିଛି। ସଭାରେ ମୁଖ୍ୟ ଅତିଥି ଭାବେ ଅତ୍ରତ୍ରାଣ ମିଶ୍ର ଯୋଗଦେଇ ଅନୁଷ୍ଠାନର ମହତ୍ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଶଙ୍କର ମିଶ୍ର, ପ୍ରଫେସର ରଶ୍ମିକାନ୍ତ ପତି ଏବଂ ରାମଦାସ ପଣ୍ଡା ଉପସ୍ଥିତ ରହି ସେବା ହିଁ ପରମ ଧର୍ମ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା, ଯେଉଁଥିରେ ସଭାପତି ଭାବେ ବିପିନ ବିହାରୀ ପଣ୍ଡା, ଉପ-ସଭାପତି ଶ୍ରୀମନ୍ତ ପାତ୍ର, ସମ୍ପାଦକ ମଳୟ ଦାଶ, ଯୁଗ୍ମ ସମ୍ପାଦକ ହେମାନନ୍ଦ ଦେହୁରୀ ଓ ଅନିଲ ବାବୁ, କୋଷାଧ୍ୟକ୍ଷ ଭାବେ ସୁଧୀର କୁମାର ବରପଣ୍ଡା ଏବଂ କାର୍ଯ୍ୟକାରୀ କମିଟିରେ ନୀଳକଣ୍ଠ ସ୍ୱାଇଁ, ନାରାୟଣ ପ୍ରଧାନ, ଦୀପିକା ପ୍ରଧାନ, ଦିଲୀପ ଦାଶ ଓ ଅବିନାଶ ମିଶ୍ରଙ୍କୁ ନୂତନ ଦାୟିତ୍ୱ ଅର୍ପଣ କରାଯାଇଛି।

**ଏ ପର୍ଯ୍ୟନ୍ତ ୬୩୦ ମାନସିକ ବିକାରଗ୍ରସ୍ତଙ୍କୁ ଉଦ୍ଧାର କରିଛି**

# ଅଲ୍‌ଓଡ଼ିଶା ଓପନ୍ ପ୍ରୋ-କ୍ୟାରମ୍ ଚାମ୍ପିଅନସିପ୍

**ସମ୍ବଲପୁର, ୨୨।୨ (ସମିସ) :** ସମ୍ବଲପୁର ଜିଲ୍ଲା କ୍ୟାରମ୍ ଆସୋସିଏସନ୍ ପକ୍ଷରୁ ଦଲେଇପଡ଼ା କଲ୍ୟାଣ ମଣ୍ଡପଠାରେ ଅଲ୍ ଓଡ଼ିଶା ଓପନ୍ ପ୍ରୋ କ୍ୟାରମ୍ ଚମ୍ପିଆନସିପ୍ ୨୦୨୬ ଆଜି ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା, ବିଜେପି ନେତା ସୁଧୀର ବହିଦାର ପ୍ରମୁଖ ଯୋଗଦାନ କରି ପ୍ରତିଯୋଗିତାକୁ ଅନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମ୍ବଲପୁର ଜିଲ୍ଲା କ୍ୟାରମ୍ ଆସୋସିଏସନ୍ ପକ୍ଷରୁ ବହୁ ବରିଷ୍ଠ ପୂର୍ବତନ କ୍ୟାରମ ଖେଳାଳି ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିବ। ଏଥିରେ ୪୮ ଇଞ୍ଚ କ୍ୟାରମ୍ ବୋର୍ଡ ଡବଲ ବର୍ଗରେ ୬୦ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୫୬ ଇଞ୍ଚ କ୍ୟାରମ ବୋର୍ଡ ସିଙ୍ଗଲ ବର୍ଗରେ ୬୪ଟି ଦଳ ଓ ଡବଲ ବର୍ଗରେ ୫୦ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ଗଞ୍ଜାମ ତଥା ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଦଳଗୁଡ଼ିକ ଭାଗ ନେଇଥିବା ଆୟୋଜକ ମାନଙ୍କ ସୂତ୍ରରୁ ପ୍ରକାଶ।




# ହୀରାକୁଦ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ

**ହୀରାକୁଦ, ୨୨।୨ (ସମିସ):** ହୀରାକୁଦ ଅଥ୍‌ଲେଟିକ ଆସୋସିଏସନ ଦ୍ୱାରା ଆୟୋଜିତ ହୀରାକୁଦ ପ୍ରିମିୟର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ସୁଲତାନ ୱାରିଅର ଓ ଗତ ବର୍ଷର ଉପ ବିଜେତା କେବିଏସ ୱାରିଅର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯାଇଛି। କେବିଏସ୍ ଦଳ ୩ ୱିକେଟରେ ସୁଲତାନ ଦଳକୁ ପରାସ୍ତ କରିଛି। ଅତିଥି ଭାବେ ହିନ୍ଦାଲକୋ ମାନବ ସମ୍ବଳ ଅଧିକାରୀ ସତ୍ୟପ୍ରସାଦ ଦାଶ, ସିଏସ୍‌ଆର ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ। ଗଣେଶ ପଳାଇ, ପ୍ରତାପ କୁମାର ତାଣ୍ଡି, ବିଘ୍ନେଶ୍ୱର ପାଣିଗ୍ରାହୀ, ପ୍ରହ୍ଲାଦ ତାଣ୍ଡି, ସନ୍ୟାସୀ ସିଂ, ଅଭିଷେକ ଦାଶ, ସେକ୍ ଚାନ୍ଦ ବାବୁ, ଶତନାମ ସିଂ, ଶେମ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚକୁ ଅମ୍ପାୟର ରାଜା ରଣା ଓ ଅନନ୍ତ ପତି ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱ ଯାଟାଧାରୀ ଛନ୍ଦ ତୁଲାଇଥିଲେ।

# ସମ୍ବଲପୁର ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ



**ସମ୍ବଲପୁର, ୨୨।୨ (ସମିସ):** ସମ୍ବଲପୁର ପ୍ରେସ କ୍ଲବର ସାଧାରଣ ପରିଷଦ ବୈଠକ ଆଜି ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ପ୍ରେସ କ୍ଲବର ଦିବଙ୍ଗତ ସଦସ୍ୟ ମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ଭବାନୀ ଶଙ୍କର ଭୋଇଙ୍କ ଦ୍ୱାରା ବିଗତ ଦିନର ଖର୍ଚ୍ଚ ବିବରଣୀ ଉପସ୍ଥାପନ କରାଯିବାସହ ସାଧାରଣ ପରିଷଦ ବୈଠକରେ ଆଲୋଚନା କରାଯାଇଥିଲା। ସମ୍ବଲପୁର ପ୍ରେସ କ୍ଲବରେ ହୋଇଥିବା ବିକାଶ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ପ୍ରେସ କ୍ଲବର ସଦସ୍ୟ ମାନଙ୍କ ବିକାଶ ପାଇଁ ବ୍ୟାଙ୍କ ଆକାଉଣ୍ଟରେ ରହିଥିବା ଟଙ୍କାକୁ ଫିକ୍ସ ଡିପୋଜିଟ କରାଯିବାନେଇ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଆଗାମୀ ମାର୍ଚ୍ଚ ୧ ତାରିଖରେ ନିର୍ବାଚନ କରାଯିବା ନେଇ ବୈଠକରେ ସ୍ଥିର କରାଯାଇଥିଲା। ନିରପେକ୍ଷ ନିର୍ବାଚନ ପରିଚାଳନା ନିମନ୍ତେ ଜିଲ୍ଲା ଓକିଲ ସଂଘର ଚାରିଜଣିଆ କମିଟିର ସହଯୋଗ ନିଆଯିବ। ନିର୍ବାଚନ କାର୍ଯ୍ୟସୂଚୀ ସ୍ଥିର କରାଯିବା ସହ ପ୍ରତି ଦୁଇବର୍ଷରେ ଥରେ ନିର୍ବାଚନ ନିଶ୍ଚିତ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ବରିଷ୍ଠ ସଦସ୍ୟ ମାନେ ସମ୍ବଲପୁର ପ୍ରେସକ୍ଲବର ସମ୍ମାନ ରକ୍ଷା କରି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ବହୁସଂଖ୍ୟକ ସଦସ୍ୟ ନିଜର ମତ ଉପସ୍ଥାପନ କରିଥିଲେ।

# ରସାୟନ ବିଜ୍ଞାନ ବିଭାଗର ଅନ୍ତର୍ଜାତୀୟ ସମ୍ମାନ ଉଦ୍‌ଯାପିତ

**ସମ୍ବଲପୁର, ୨୨।୨ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ (ଆଇକ୍ୟୁଏସି) ର ମିଳିତ ସହଯୋଗରେ 'ସାମ୍ପ୍ରତିକ କାଳରେ ରସାୟନ ବିଜ୍ଞାନର ଅଗ୍ରଗତି' ଶୀର୍ଷକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ସମ୍ମାନ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭାରତର ବିଭିନ୍ନ ପ୍ରାନ୍ତରୁ ଆଗତ ବିଶେଷଜ୍ଞ ଓ ଗବେଷକ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବ ଅଧ୍ୟକ୍ଷା କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ରାମ ନରେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଓଡ଼ିଶା ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଗବେଷକ ତଥା ଛାତ୍ରଛାତ୍ରୀମାନେ ଏହି ସମ୍ମାନରେ ଭାଗ ନେଇଥିଲେ।

ଦ୍ୱିଦିବସୀୟ ଆଲୋଚନାଚକ୍ରରେ ଆଭାସୀ ତଥା ପ୍ରତ୍ୟକ୍ଷ ଭାବରେ ବହୁ ଖ୍ୟାତିସମ୍ପନ୍ନ ରସାୟନ ବିଜ୍ଞାନୀ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରେ ଜାତୀୟ ବିଜ୍ଞାନ ଓ ଅନୁସନ୍ଧାନ ପ୍ରତିଷ୍ଠାନ, ଭୁବନେଶ୍ୱରର ପ୍ରଫେସର ବିଷ୍ଣୁପ୍ରସାଦ ବିଶ୍ୱାଳ, ଶିବ ନାଦର ବିଶ୍ୱବିଦ୍ୟାଳୟର ଡ. ଅନିମେଶ ସାମନ୍ତ, ଜର୍ଜିଆର ଅଗଷ୍ଟା ବିଶ୍ୱବିଦ୍ୟାଳୟର ପଫେସର ଶିବଶଙ୍କର ପଣ୍ଡା, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ହୀରକ ଚକ୍ରବର୍ତ୍ତୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବାଶିଷ ବେହେରା, ଜର୍ମାନୀସ୍ଥିତ ଚେମନିଜ୍ ବୈଷୟିକ ବିଶ୍ୱବିଦ୍ୟାଳୟର ଗବେଷକ ଡ. ଗୋପାଳ ଦାସ ଅଧିକାରୀ, ସୁନ୍ଦରଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଡ. ପ୍ରଦୀପ ସାମନ୍ତରା ପ୍ରମୁଖ ନିଜ ନିଜର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ଡ. ସୂର୍ଯ୍ୟକାନ୍ତ ଦେହୁରୀ, ଅଧାପିକା ମଧୁସ୍ମିତା ବିଶ୍ୱାଳ, ସମ୍ବିତ ପଣ୍ଡା, ସ୍ନେହାଂଶୁ ମହାପାତ୍ର, ଶୁଭଲକ୍ଷ୍ମୀ ସାହୁ, ସଦାନନ୍ଦ ଦାସ, ଦିଳେନ୍ଦ୍ରୀ ମାଝୀ ପ୍ରମୁଖ ସମ୍ମାନ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱ ଉଦ୍‌ଘାଟନୀ ଉତ୍ସବରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲାର ପ୍ରଫେସର ଶରତ କୁମାର ସ୍ୱାଇଁ ମୁଖ୍ୟଅତିଥି ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସମ୍ବଲପୁର ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ପ୍ରଫେସର ସ୍ୱାଇଁ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରି ସାମ୍ପ୍ରତିକ କାଳରେ ଆନ୍ତର୍ଜାତିକ କ୍ଷେତ୍ରରେ ରସାୟନ ବିଜ୍ଞାନ ଗବେଷଣା ଓ ପ୍ରଗତି ସମ୍ବନ୍ଧରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଡ. ନନ୍ଦ ନିଜ ବକ୍ତବ୍ୟରେ ପ୍ରଦୂଷଣ ମୁକ୍ତ ପୃଥିବୀ ପାଇଁ ରସାୟନ ବିଜ୍ଞାନର ଭୂମିକା ଉପରେ ଆଲୋକପାତ କରିଥିଲେ। ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁବାସ ଚନ୍ଦ୍ର ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ ଏବଂ ଆଇକ୍ୟୁଏସି ଅଧିକାରୀ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ସମ୍ମାନର ଆବଶ୍ୟକତା ଓ ବ୍ୟବହାରିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସଂଗଠନ ସମ୍ପାଦକ ଡ. ଶ୍ରୀକାନ୍ତ ସାହୁ ସମ୍ମାନର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଡ. ସନ୍ଧ୍ୟାମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଉଦଘାଟନୀ ଉତ୍ସବର ସଂଯୋଜନା କରିଥିଲେ।



# ହୀରାଖଣ୍ଡ ନାଗରିକ ପରିଷଦ ବୈଠକ

**ସମ୍ବଲପୁର, ୨୨।୨ (ସମିସ):** ହୀରାଖଣ୍ଡ ନାଗରିକ ପରିଷଦର ଏକ ବୈଠକ ନନ୍ଦକିଶୋର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ସାମ୍ବାଦିକ ଶିବ ପ୍ରସାଦ ମେହେର ଓ ବିଶିଷ୍ଟ ଗାୟକ ଅଭିଜିତ ମଜୁମଦାରଙ୍କ ବିୟୋଗରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ସଭ୍ୟମାନେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭା କାର୍ଯ୍ୟ ପରିଚାଳନା କରୁଥିବା ସମ୍ପାଦକ ସୀତାଂଶୁ ତ୍ରିପାଠୀ ଡାକ୍ତର ପାଣିଗ୍ରାହୀ ବିଧାୟିକା ଥିବା ସମୟରେ କିପରି ପ୍ରଶାସନଠାରେ ସମ୍ବଲପୁର ବିକାଶର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଉଥିଲା ସେନେଇ ବ୍ୟାଖ୍ୟା କରିଥିଲେ। ଡା. ପାଣିଗ୍ରାହୀଙ୍କ ସେବା ଏବଂ ବିଧାୟକ ଥିବାବେଳେ ସମ୍ବଲପୁରର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟ ସକାଶେ ଶାନ୍ତିନଗର ରାସ୍ତାକୁ ତାଙ୍କ ନାମରେ ନାମିତ କରିବାକୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ପ୍ରଫେସର କିଶୋର ବାରିକ ବରିଷ୍ଠ ନାଗରିକ ମାନଙ୍କ ଜୀବନଶୈଳୀ ଏବଂ ଜୀବନଧାରା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଉଦାହରଣ ଦେଇ ସେ ସୁସ୍ଥ ଓ ନିରାମୟ ଜୀବନ ଜିଇଁବାର ରାହା ବିଷୟରେ ଆଲୋକପାତ କରିଥିଲେ। ଉପସଭାପତି ରାମେଶ୍ୱର ପାଢ଼ୀ ମଧ ବକ୍ତବ୍ୟ ରଖିଥିଲେ। ସୀତାଂଶୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




# ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ବ୍ଲକ୍‌ସ୍ତରୀୟ ଅଂଶୀଦାର କର୍ମଶାଳା



**ସମ୍ବଲପୁର, ୨୨।୨(ସମିସ):** ଜେଏସ୍‌ଡବ୍ଲୁ ବିପିଏସଏଲର ସିଏସଆର ଶାଖା, ଜେଏସଡବ୍ଲୁ ଫାଉଣ୍ଡେସନ, ୱାଶ ପଦକ୍ଷେପ ଅଧୀନରେ ରେଙ୍ଗାଲି ବ୍ଲକରେ ଜଳ, ପରିମଳ ଏବଂ ସ୍ୱଚ୍ଛତା ସ୍ଥାୟିତ୍ୱକୁ ସୁଦୃଢ଼ କରିବା ପାଇଁ ଅଂଶୀଦାରଙ୍କୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ରେଙ୍ଗାଲି ବ୍ଲକର ଠେଲକୋଲୋଇ, ଶ୍ରୀପୁରା, ଖିଣ୍ଡା ଏବଂ ଘିଚାମୁରା ଗ୍ରାମ ପଞ୍ଚାୟତରେ ସାଢ଼େ ତିନି ବର୍ଷରୁ ଅଧିକ ସମୟ ଧରି ୱାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଗ୍ରାମବାସୀଙ୍କ ମଧ୍ୟରେ ଖୋଲା ମଳତ୍ୟାଗ ମୁକ୍ତ ସ୍ଥିତି ବଜାୟ ରଖିବା ସହ ବାହାର ଅଳିଆ ମୁକ୍ତ ଅଞ୍ଚଳ ସୃଷ୍ଟି କରିପାରିଛି। ବୈଠକରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ (ସମ୍ବଲପୁର ଏବଂ ଝାରସୁଗୁଡ଼ା) ମୁଖ୍ୟ ବିଶାଳ ରାଜ, ରେଙ୍ଗାଲି ବିଡିଓ ପ୍ରୀତମ ତାଣ୍ଟି, ଏବିଡିଓ ରେଙ୍ଗାଲି ମୋନିକା ବହିଦାର, ଜିଲ୍ଲା ପରିମଳ ପରାମର୍ଶଦାତା ପ୍ରମୋଦ ଏକ୍କା, ଫିଡବ୍ୟାକ ଫାଉଣ୍ଡେସନର ପ୍ରତିନିଧି, କମ୍ପାନୀ ଫାଉଣ୍ଡେସନର ଅଧିକାରୀ, ଭିଡବ୍ଲୁଏସସିଏସ ଏବଂ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

# 'ସମ୍ବଲପୁରୀ ଭାଷା ଆନ୍ଦୋଳନରେ ଯୁବଗୋଷ୍ଠୀଙ୍କୁ ସାମିଲ ଜରୁରୀ'

ସମ୍ବଲପୁର, ୨୨।୨ (ସମିସ)

କଲମ ପରିବାର ଟ୍ରଷ୍ଟର ଚତୁର୍ଥ ପ୍ରତିଷ୍ଠା ଦିବସ ଆଜି ପୂର୍ବାହ୍ଣରେ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମ୍ବଲପୁରୀ ଭାଷାର ମାନ୍ୟତା ପାଇଁ ଆନ୍ଦୋଳନ ଅବ୍ୟାହତ ରହିଛି।

**କଲମ ପରିବାର ଟ୍ରଷ୍ଟର ଚତୁର୍ଥ ପ୍ରତିଷ୍ଠା ଦିବସ**

ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ମାନ୍ୟତା ପାଇବା ପାଇଁ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ହେବ। ଆନ୍ଦୋଳନର ସଫଳତା ପାଇଁ ଏଥିରେ ଯୁବଗୋଷ୍ଠୀଙ୍କୁ ସାମିଲ କରିବା ଅତ୍ୟନ୍ତ ଜରୁରୀ ବୋଲି ଭାଷା ଗବେଷକ ଉତ୍ପନ୍ନ ଭୋଇ ମତବ୍ୟକ୍ତ କରିଛନ୍ତି। ସୁପ୍ତକୁ ଜାଗ୍ରତ କରିବା ପାଇଁ ଚେତନା ଆବଶ୍ୟକ। ଲେଖକ ଲେଖିକା ଲେଖା ସଙ୍ଗେ ସଙ୍ଗେ ସଙ୍ଗଠିତ ହୋଇ ଆନ୍ଦୋଳନରେ ସାମିଲ ହେବା କଥା। ଲକ୍ଷ୍ୟ ହାସଲ ପାଇଁ ଆମକୁ ରଚନାତ୍ମକ ଓ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଅନ୍ୟ ବକ୍ତାମାନେ ମତ ରଖିଥିଲେ। ପ୍ରାରମ୍ଭରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଓ ବରିଷ୍ଠ ସାମ୍ବାଦିକ ଶିବପ୍ରସାଦ ମେହେରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

କଲମ ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ କ୍ଷେତ୍ରମଣି ବିଭାର ଗତ ତିନିବର୍ଷରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସୂଚନା ପ୍ରଦାନ କରିଥିଲେ। କଲମ ପରିବାର ଟ୍ରଷ୍ଟର ଉପଦେଷ୍ଟା ଡ. ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ 'ଭାଷା ଆନ୍ଦୋଳନଥି ଆମର୍ ଏକତା କେତେ ଦୂର' ଶୀର୍ଷକ ଆଲୋଚନାଚକ୍ରରେ ଭାଷା ଗବେଷକ ଉତ୍ପନ୍ନ ଭୋଇ, ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ଏବଂ ଅଧ୍ୟାପକ ମୋହନ ସାହୁ ଅଲୋଚକ ଭାବେ ଯୋଗ ଦେଇଥିଲେ। ପରେ ପୁତୁଲ ସୁପ୍ରିୟା ଦାସଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। କବିତା ପାଠ ପରେ ସାହିତ୍ୟିକ ଅନୀଲ କୁମାର ଦାସ କବିତା ଗୁଡ଼ିକର ସମୀକ୍ଷା କରିଥିଲେ। ଶେଷରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



# ଜିଲ୍ଲାସ୍ତରୀୟ ସମ୍ମିଳନୀରେ ଝାରବନ୍ଧ ବ୍ଲକ୍ ସମ୍ମାନିତ

ଝାରବନ୍ଧ, ୨୨ ।୨(ସମିସ)



ବରଗଡ଼ରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଜନ ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମଚାରୀ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରମାନଙ୍କୁ ସମ୍ମାନିତ କରାଯାଇଥିଲା । ସମ୍ମିଳନୀରେ ଜିଲ୍ଲାର ଶ୍ରେଷ୍ଠ ଆଶା ଶ୍ରେଣୀରେ ତୃତୀୟ ସ୍ଥାନ ଅଧିକାର କରି ଝାରବନ୍ଧ ବ୍ଲକର ବିଳାସପୁର ଗ୍ରାମର ଆଶା କର୍ମୀ ମିଥିଳା ବିଶ୍ୱାଳ ସମ୍ମାନିତ ହୋଇଥିଲେ । ଗ୍ରାମ ସ୍ତରରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା, ସଚେତନତା ଓ ଘରେଘରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାରେ ତାଙ୍କର ସକ୍ରିୟ ଭୂମିକାକୁ ଅଧିକାରୀମାନେ ଉଚ୍ଚ ପ୍ରଶଂସା କରିଥିଲେ । ଏହାସହ ଟୀକାକରଣ ଓ ସିକିଲିଙ୍ଗ ଚିହ୍ନଟ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ଝାରବନ୍ଧ ବ୍ଲକକୁ ଜିଲ୍ଲାର ବେଷ୍ଟ ପରଫର୍ମିଂ ବ୍ଲକ ଭାବେ ସମ୍ମାନିତ କରାଯାଇଥିଲା । ବ୍ଲକ ପକ୍ଷରୁ ବିପିଏମ ପ୍ରଶାନ୍ତ କୁମାର ପ୍ରଧାନ, ସୁପରଭାଇଜର ସୁଦାମ ମିର୍ଦ୍ଧା, ଏଏନ୍ଏମ୍ ମୀନା ପାଣ୍ଡେ ଓ ନିରୁପମା ପ୍ରଧାନ ପୁରସ୍କାର ଗ୍ରହଣ କରିଥିଲେ । ତଦୁପରି ଜନ ଆରୋଗ୍ୟ ସମିତି ଆୱାର୍ଡ ଓ ଜାତୀୟ ଗୁଣବତ୍ତା ମାନଦଣ୍ଡ ଆୱାର୍ଡ ଲଉଡ଼ୀଦରହା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ପ୍ରଦାନ କରାଯାଇଥିଲା । ସିଏଚଓ. ଗୁଗୁଲି ବେହେରା, ଏଏନଏମ୍ ଅଞ୍ଜଳି ଲୁଇ ଓ ଅର୍ଚ୍ଚନା ନାୟକ ଆୱାର୍ଡ ଗ୍ରହଣ କରିଥିଲେ । ସେହିପରି ଭଣ୍ଡାରପୁରୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମଧ୍ୟ ଜାତୀୟ ଗୁଣବତ୍ତା ମାନଦଣ୍ଡ ଆୱାର୍ଡରେ ସମ୍ମାନିତ ହୋଇଥିବାବେଳେ ସିଏଚଓ ଖଗେଶ୍ୱରୀ ଦୁର୍ଗା, ଏଏନଏମ୍ ହେମଲତା ଦାଉ ଓ ସସ୍ମିତା ରାଣୀ ନାୟକ ପୁରସ୍କାର ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କୁବେର କୁମାର ମହନ୍ତ ଓ ଏଡିଏମ୍ ମଧୁଛନ୍ଦା ସାହୁ ଉପସ୍ଥିତ ଥିଲେ ।

## ଶ୍ରୀରାମକୃଷ୍ଣ ପରମହଂସ ଜୟନ୍ତୀ



ବରପାଲି, ୨୨।୨(ସମିସ): ବରପାଲି ବ୍ଲକ ବାରଗୁଡା ପରମହଂସ ପୀଠ ପରିସରରେ କଦଲିପାଲି ଯୋଗ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଆଚାର୍ଯ୍ୟ ଓ ସାଧକସାଧିକା ମାନଙ୍କ ଗହଣରେ ଗୁରୁଜୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଶ୍ରୀଗୁରୁଙ୍କ ରଚିତ ସଙ୍ଗୀତ ସାଧିକା ବାସନ୍ତି ଓ ସାଥିଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ରାମକୃଷ୍ଣ ପରମହଂସଙ୍କ ଜୀବନି ଓ ତ୍ୟାଗ, ନିଷ୍ଠା, ବଦାନ୍ୟତା ଏବଂ ନାରୀ ସମାଜର ପ୍ରେରଣାର ଶକ୍ତୀ ବିଷୟ ଉପରେ ସାଧକ ମାନେ ଉପସ୍ଥାପନ କରିଥିଲେ । ଯୋଗ ବିଜ୍ଞାନ ଓ ଏହାର ରହସ୍ୟ ସମ୍ବନ୍ଧରେ ଗୁରୁଜୀ ଆଲୋଚନା କରିଥିବା ବେଳେ ଗୁରୁମାଁ ଗୁରୁତତ୍ତ୍ୱ ଓ ଏହାର ରହସ୍ୟ ଉପରେ ବ୍ୟାଖ୍ୟା କରିଥିଲେ । ଆଧ୍ୟାତ୍ମିକ ସଙ୍ଗୀତ ଗାୟକ ଭାବେ କୈଳାଶ କର୍ଣ୍ଣ, ସରୋଜ, ବାସନ୍ତୀ, ମମତା ଓ ସାଥିମାନେ ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜନା ଧନପତି ବିଶିଙ୍କ ଦ୍ୱାରା ହୋଇଥିଲା । ଶେଷରେ ସାଧକ ଅମୃତଲାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭଟଲିରେ ସାମାଜିକ ସଦ୍‌ଭାବ ବୈଠକ

ଭଟଲି, ୨୨।୨(ସମିସ): ସ୍ଥାନୀୟ ଟାଉନ ହଲ୍‌ରେ ରବିବାର ଆବାହକ ଲୋକନାଥ ମେହେରଙ୍କ ଅଧ୍ୟକ୍ଷତାରେ ସାମାଜିକ ସଦଭାବ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବାଞ୍ଛାନିଧି ପଣ୍ଡା ଯୋଗଦେଇ ବିଭିନ୍ନ ବର୍ଗର ଲୋକ ମାନଙ୍କୁ ଆଗାମୀ ଦିନରେ କିପରି ଗ୍ରାମ୍ୟ ସ୍ତରୀୟ ବୈଠକ କରାଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ବୈଠକରେ ଯାଦବ ସମାଜରୁ ମୋତିଲାଲ ବନଛୋର ଏବଂ ସନ୍ତୋଷ ବନଛୋର, ଭଟଲି ବ୍ଲକ ଗୁଡିଆ ସମାଜରୁ ଭୁବନ ମୋହନ ସାହୁ ଓ ସାମ୍ବାଦିକ ଅର୍ଜୁନ ସାହୁ, କୁଲତା ସମାଜରୁ ପ୍ରହଲ୍ଲାଦ ପ୍ରଧାନ, ବ୍ରାହ୍ମଣ ସମାଜରୁ ହିମାଂଶୁ ଶେଖର ପଣ୍ଡା, ମେହେର ଜାତି, ବଣିଆ, ବେହେରା ଜାତି ପରି ଅନେକ ବର୍ଗର ଲୋକମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ରାମଚନ୍ଦ୍ର ଭୁଜ ଏବଂ ସତ୍ୟବାନ୍ ଦେହେରୀ ସହଯୋଗ କରିଥିଲେ ।

## ମାଁ ବରଦା ଦୁର୍ଗାମନ୍ଦିର ପ୍ରତିଷ୍ଠା ଉତ୍ସବ



ବରପାଲି, ୨୨।୨(ସମିସ): ବରପାଲି ମାଁ ବରଦା ଦୁର୍ଗାଙ୍କ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ମଧପଡ଼ା ସ୍ଥିତ ବରଦା ଦୁର୍ଗାମନ୍ଦିର ବାର୍ଷିକ ପ୍ରତିଷ୍ଠା ଅବସରରେ ମାଁଙ୍କ ହୋମଯଜ୍ଞ ଓ ପୂଜାର୍ଚ୍ଚନା ହୋଇଥିଲା । ପୂଜାକର୍ତ୍ତା ଭାବେ କୈଳାଶ ମେହେର କାର୍ଯ୍ୟଭାର ତୁଲାଇଥିବା ବେଳେ ବହୁ ମହିଳା ଓ ପୁରୁଷ ଉତ୍ସବରେ ସାମିଲ ହୋଇଥିଲେ । ପଣ୍ଡିତ ଓ ଆଚାର୍ଯ୍ୟ ମାନଙ୍କ ଦ୍ୱାରା ସିଦ୍ଧିକାର୍ଯ୍ୟ ସମ୍ପୂର୍ଣ୍ଣ ପରେ କଳସ ଓ ଅସ୍ତ୍ରଶସ୍ତ୍ର ମାନ ପୂଜା ମଣ୍ଡପରେ ପୂଜାର୍ଚ୍ଚନା କରାଯାଇଥିଲା । ପଣ୍ଡିତ ମାନେ ପୂଜନ ହୋମଯଜ୍ଞ ଅନୁଷ୍ଠାନ ଆୟୋଜନ କରିଥିଲେ । ପରିଚାଳନାରେ ସଭାପତି କୈଳାଶ ମେହେର, ନେପାଲ ମେହେର, ବିବେକା ମେହେର, ପ୍ରଦିପ ମେହେର, କୃଷ୍ଣ ବେହେରା, ସନ୍ତୋଷ ମିର୍ଦ୍ଧା, ଗୁଲଠୁ ମେହେର ପ୍ରମୁଖଙ୍କ ସହ ପୂଜା କମିଟିର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ ।

## ସମ୍ବଲପୁର ଜିଲ୍ଲା ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସଭା

ବରଗଡ଼, ୨୨।୨(ସମିସ): ଏସଡିସିସି ବ୍ୟାଙ୍କ୍ ମୁଖ୍ୟ କାର୍ଯ୍ୟାଳୟରେ ସମ୍ବଲପୁର ଜିଲ୍ଲା ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ସଭାରେ ବ୍ୟାଙ୍କ ଅଧୀନରେ ଥିବା ୪ଟି ଜିଲ୍ଲା (ବରଗଡ଼, ସମ୍ବଲପୁର, ଦେଓଗଡ଼ ଓ ଝାରସୁଗୁଡ଼ା)ର କର୍ମଚାରୀ ମାନେ ଅଂଶଗ୍ରହଣ କରିଥିଲେ । ସଂଘର ନିର୍ଦ୍ଦେଶକ ବର୍ଗ ଓ ଉପଦେଷ୍ଟା ମଣ୍ଡଳୀ ମଞ୍ଚାସୀନ ଥିଲେ । ସଭାର ଅଧ୍ୟକ୍ଷତା ସଂଘର ସଭାପତି ଅବିନାଶ ପତି କରିଥିଲେ । ସଭାରେ ଆଗାମୀ ଦୁଇ ବର୍ଷ ପାଇଁ ପୁଣି ସଂଘର କର୍ମକର୍ତ୍ତା ମାନଙ୍କୁ ତୃତୀୟ ଥର ପାଇଁ କ୍ରମାଗତ ଭାବେ ଚୟନ କରାଯାଇଥିଲା । ସଭାପତି ଅବିନାଶ ପତି, ଉପସଭାପତି ବୁଲବୁଲ ଦେବତା, ସାଧାରଣ ସମ୍ପାଦକ ପ୍ରଦୀପ୍ତ ସାହୁ, ସହ-ସମ୍ପାଦକ ଭାଗ୍ୟଶ୍ରୀ ମହାନନ୍ଦ, କୋଷାଧ୍ୟକ୍ଷ ବିକାଶରଞ୍ଜନ ଶତପଥୀ ନବନିର୍ବାଚିତ କର୍ମକର୍ତ୍ତା ମାନେ ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣରେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ସଙ୍କଳ୍ପ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମଟିକୁ ଇତିଶ୍ରୀ ସ୍ୱାଇଁ ଓ ପୂନମ ଅଗ୍ରୱାଲ ସମ୍ପୂର୍ଣ୍ଣ ଭାବେ ସଞ୍ଚାଳନ କରିଥିଲେ । ଶେଷରେ ଉପସଭାପତି ବୁଲବୁଲ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ ।



## ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା



ବରପାଲି, ୨୨।୨(ସମିସ): ଜିଲ୍ଲା ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ପଞ୍ଚାନନ ନାୟକ 'ମିଷ୍ଟର ବରଗଡ଼' ହୋଇଛନ୍ତି ଏବଂ ଅମନ ଅଗ୍ରୱାଲ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି । ବରପାଲି ବଡିବିଲ୍ଡିଂ ଆସୋସିଏସନ୍ ପକ୍ଷରୁ ବଡିବିଲ୍ଡିଂ ପ୍ରତିଯୋଗିତା ସ୍ଥାନୀୟ ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ବରଗଡ଼ର ପଞ୍ଚାନନ ମିଷ୍ଟର ବରଗଡ଼ ହୋଇଥିବା ବେଳେ ୭୦ କେଜି ବର୍ଗରେ ବରପାଲିର ଅମନ୍ ଅଗ୍ରୱାଲ ବେଷ୍ଟ ବଡିସେପରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ । ଅମନ ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଚନ୍ଦନ ଅଗ୍ରୱାଲଙ୍କ ପୁତ୍ର ଅଟନ୍ତି । କାର୍ଯ୍ୟକ୍ରମକୁ ବୟନିକା ନିର୍ଦ୍ଦେଶକ ସଞ୍ଜୟ ମେହେର ଓ ପ୍ରାଧ୍ୟାପକ ରାଜେଶ ରାୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ । କିଶୋର ମିଶ୍ର, ଡୋଲାମଣି ମେହେର ଓ ଲକ୍ଷ୍ମୀନାରାୟଣ ମିଶ୍ର ବିଚାରକ କାର୍ଯ୍ୟ ତୁଲାଇଥିଲେ । ଜାତୀୟ ଜୁନିୟର ବଡିବିଲିଂରେ ରୌପ୍ୟ ପଦକ ବିଜୟିନୀ ବରଗଡ଼ର ଅନିତା ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରତିଯୋଗିତାରେ ବିଭିନ୍ନ ବର୍ଗରୁ ୮୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରତିଯୋଗିତାକୁ କୈଳାସ ମେହେର, ସୁରଜ୍ ବିଶି, ମନ ମେହେର, ବିକାଶ ମେହେର ପ୍ରମୁଖ ଆୟୋଜନ କରିଥିଲେ ।

## ଶ୍ରୀକ୍ରିଷ୍ଣା ଫୁଡ ଓ ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର

● ୨୪ ୟୁନିଟ୍ ରକ୍ତ ସଂଗ୍ରହ



ବରଗଡ଼, ୨୨।୨(ସମିସ): ବରଗଡ଼ ବ୍ଲକ ଧାଙ୍ଗେର ପଞ୍ଚାୟତର ମାଲିପାଲି ମାଇନର ଭେଡେନ ରୋଡରେ ଥିବା ଶ୍ରୀକ୍ରିଷ୍ଣା ଫୁଡ ଠାରେ ନିଷ୍ଠା ପରିବାର ଓ କେଣ୍ଟିଟ କମରସିଆଲ, ବରଗଡ଼ର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶିବିରକୁ ମିଲ ମାଲିକ କରୁଣା କର ଫସାରି ଓ ନିଷ୍ଠା ପରିବାରର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଶିବିରରୁ ସର୍ବମୋଟ ୨୪ ୟୁନିଟ ରକ୍ତ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା । ଶିବିରକୁ ଶ୍ରୀକ୍ରିଷ୍ଣା ଫୁଡ, କେଣ୍ଟିଟ କମରସିଆଲର କର୍ମଚାରୀ ଓ ନିଷ୍ଠା ପରିବାରର ସଦସ୍ୟ ପରିଚାଳନା କରିଥିଲେ । ସମସ୍ତ ରକ୍ତଦାତା, ସହଯୋଗୀ ମାନଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ସୁବ୍ରତ ବିର୍ତ୍ତିଆଙ୍କ ପିତୃ ବିୟୋଗ



ବରଗଡ଼, ୨୨।୨(ସମିସ): ବରଗଡ଼ ସହରରେ ଥିବା ଅମ୍ବାପାଲି ନିବାସୀ କାହ୍ନୁ ଚରଣ ବିର୍ତ୍ତିଆ (୬୮) ଙ୍କ ପରଲୋକ ଘଟିଛି । ତାଙ୍କ ପରଲୋକ ଗମନ ଖବର ପାଇବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଖବର ପାଇ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, କଂଗ୍ରେସ ନେତା ନିପନ୍ ଦାଶଙ୍କ ସହିତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଅନ୍ତିମ ଦର୍ଶନ କରିଥିଲେ । ସେହିପରି ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, କଳ୍ପନା ମାଝୀ, ମାନିନୀ ଭୋଇ, ଅକ୍ରୁର ମଲ୍ଲିକ, ସୁରେଶ୍ୱର ଶତପଥୀ, ରାଜେଶ୍ ଶତପଥୀ, ସମାଜସେବୀ ଗୀତା ମିଶ୍ର, ମହିଳା ସମିତି ସଭାପତି ଅଞ୍ଜନା ଦାସ, ସମାଜସେବୀ ତଥା ଡ.ରାମକୃଷ୍ଣ ପୁରୋହିତ, ମମତା ପୁରୋହିତ, ବିଶିଷ୍ଟ ଡ.ସସ୍ମିତା ଦାଶ, ଡ.ରାଜେଶ ତ୍ରିପାଠୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି । ଅମ୍ବାପାଲି ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା । ବଡପୁଅ ସୁବ୍ରତ ମୁଖାଗ୍ନି ଦେଇଥିଲେ ।

## ବିଧାୟକଙ୍କୁ ବସ୍ତି ବାସିନ୍ଦାଙ୍କ ସାକ୍ଷାତ

ବରଗଡ଼, ୨୨।୨(ସମିସ): ବରଗଡ଼ ୱାର୍ଡ ନମ୍ବର ୧୪, ୧୫ ଏବଂ ୧୧ର ବଡ କେନାଲ ସାଇଡରେ ଦୀର୍ଘ ୩୦/୪୦ ବର୍ଷରୁ ମାଟି ଘର ତିଆରି କରି ବସବାସ କରୁଥିବା ସମସ୍ତ ବସ୍ତି ବାସିନ୍ଦା ଭୟଭୀତ ଅବସ୍ଥାରେ ରହିଛନ୍ତି । ଅନେକ ଦିନରୁ ପୌର ପରିଷଦ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ତାଙ୍କ ଘରେ

### ପ୍ରଥମେ ଥାଇଥାନ ପରେ ଉଚ୍ଛେଦ: ବିଧାୟକ

ଲାଲ ଛକି ଦେଇ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଗରିବ ଅସହାୟ ଲୋକମାନେ ନିଜ ଛୋଟ ଛୋଟ ଶିଶୁ ମାନଙ୍କୁ ନେଇ କୋଉଠିକି ଯିବେ ବୋଲି ପ୍ରଶ୍ନ ଉଠିଛି । ତାଙ୍କର ନିଜର କିଛି ଜମି ପଟ୍ଟା ନାହିଁ । ଦିନ ମଜୁରିଆ କାମ କରି, ରାସ୍ତା କଡ଼ରେ ଠେଲା ଲଗାଇ ପରିବାର ଭରଣ ପୋଷଣ କରୁଛନ୍ତି । ଆସନ୍ତା ୨୮ ରେ ଘର ଭଙ୍ଗା ଯିବ ବୋଲି ଶୁଣିଲା ପରେ ଗଙ୍ଗାଧର ନଗରର ବାସିନ୍ଦା ବିକ୍କୀ ସିଂହ, ସାମ୍ବାଦିକ ନରେନ୍ଦ୍ର ନାଏକଙ୍କ ନେତୃତ୍ୱରେ



ସମସ୍ତେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କୁ ଭେଟି ଦାବିପତ୍ର ଦେଇ ନିଜ ଅସୁବିଧା ଜଣାଇଥିଲେ । ବିଧାୟକ ସବୁ ଶୁଣିଲା ପରେ ସମସ୍ତଙ୍କୁ ଜାଗା ଦେଇ ଥଇଥାନ କରାଯିବ ବୋଲି ଆଶ୍ୱସ୍ତ କରିଥିଲେ । ଏହାସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦ୍ୱାରା ପକ୍କା ଘର ମଧ୍ୟ ତିଆରି କରି ଦିଆଯିବ ବୋଲି ମଧ୍ୟ କହିଥିଲେ । ଏଥିରେ ଲୋକମାନେ ଆଶ୍ୱସ୍ତ ହୋଇ ଘରକୁ ଫେରିଥିଲେ ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବାର୍ଷିକ ଉତ୍ସବ

ପଦ୍ମପୁର, ୨୨।୨(ସମିସ): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଖଇରପାଲି ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବିଂଶତମ ବାର୍ଷିକ ଉତ୍ସବ



ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ଶିକ୍ଷା ମାନବ ଜୀବନର ମୂଳ ଆଧାର ଓ ଏହା ଦ୍ୱାରା ସମାଜର ନୂତନ ଦିଗ ନିର୍ମାଣ ହୋଇଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରିତମ ମେହେର ଉପସ୍ଥିତରହି ଛାତ୍ରଛାତ୍ରୀମାନଙ୍କୁ ନୈତିକ ମୂଲ୍ୟବୋଧ ଓ ସଂସ୍କୃତି ପ୍ରତି ସଚେତନ ହେବାକୁ ଉପଦେଶ ଦେଇଥିଲେ । ମୁଖ୍ୟ ବକ୍ତା ମଧୁସୂଦନ ଦେବତା ଶିକ୍ଷାରେ ଶୃଙ୍ଖଳା ଓ ସମର୍ପଣର ଗୁରୁତ୍ୱ ବିଷୟରେ ମନ୍ତବ୍ୟରଖିଥିଲେ । ପରିଚାଳନା ସଭାପତି ନରୋତ୍ତମ ମେହେର ସଭାକୁ ଅଧ୍ୟକ୍ଷତା କରି କେନ୍ଦ୍ରର ଗତ ୨୦ ବର୍ଷର ସଫଳତା ଓ ଭବିଷ୍ୟତ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ । ପାଠଚକ୍ର ସଭାପତି ବିଷ୍ଣୁ ପ୍ରସାଦ ବାଜପେୟୀ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଶେଷରେ ଅଧ୍ୟକ୍ଷ ସୁଦାମ ପଧାଧ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ

ପଦ୍ମପୁର, ୨୨।୨(ସମିସ): ସ୍ଥାନୀୟ ନେହେରୁଗଳି ସ୍ଥିତ ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପଠାରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସମୁଦାୟ ୩ ଜଣ ବଟୁ ଉପବୀତ ଧାରଣ ପୂର୍ବକ ବ୍ରତୋପନୟନ ସଂସ୍କାର ଲାଭ କରିଛନ୍ତି । ପଦ୍ମପୁର ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି । ଏଯାଏଁ ୧୫୦୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ବଟୁ ପଦ୍ମପୁର ବ୍ରାହ୍ମଣ ସମାଜ ମାଧ୍ୟମରେ ବ୍ରତୋପନୟନର ସୁଯୋଗ ଲାଭ କରିଛନ୍ତି । ସମାଜର ସଭାପତି ଜୟନାରାୟଣ ତ୍ରିପାଠୀ, ସମ୍ପାଦକ ସଦାନନ୍ଦ ପୁରୋହିତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପର୍ଶୁରାମ ପାଠୀ ତାଙ୍କ ପତ୍ନୀ ସୁଷମା ପାଠୀ ମୁଖ୍ୟ କର୍ତ୍ତା ରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ସର୍ବଶ୍ରୀ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ ମୁଖ୍ୟ ପୂଜକ ଦାୟିତ୍ୱ ନିର୍ବାହ କରିଥିବା ବେଳେ କୀର୍ତ୍ତି ମହାପାତ୍ର, ସନ୍ତୋଷ ମିଶ୍ର, ନୀଳ ମିଶ୍ର, ଗଣ ମହାପାତ୍ର ବିଷ୍ଣୁ ଦାଶ, ପୂଜା କର୍ମରେ ସହଯୋଗ କରିଥିଲେ । ପାର୍ଥସାରଥୀ ମହାପାତ୍ର, ସୁଧାଂଶୁ, ଜୀତେନ୍ଦ୍ର ଦାଶ, ସମୀର ନାୟକ, ଚନ୍ଦ୍ରଶେଖର ପୁରୋହିତ, ତ୍ରିବିକ୍ରମ ପାଣିଗ୍ରାହୀ, ସତ୍ୟନାରାୟଣ ତ୍ରିପାଠୀ, ଅଶ୍ୱିନୀ ପଣ୍ଡା, ବୀର କିଶୋର ପଣ୍ଡା, ସାନ୍ତାନୁ ପାଣିଗ୍ରାହୀ, ସୁରେଶ ମିଶ୍ର, ବଳଦେବ ପାଣିଗ୍ରାହୀ, ଭାସ୍କର ଦାଶ,



ଆଦିତ୍ୟ ମିଶ୍ର, ରଘୁନାଥ ତ୍ରିପାଠୀ, ଉମେଶ ଦାଶ, ଅନନ୍ତ ଦାଶ, ତୃପ୍ତିମୟୀ ଦାଶ, ଜ୍ୟୋତ୍ସ୍ନା କର, ପ୍ରକାଶ ଦାଶ, ରାମଚନ୍ଦ୍ର ନାୟକ, ଆକାଶ ପଣ୍ଡା, ଅଶୋକ ମିଶ୍ର, ଦିବ୍ୟ କିଶୋର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ପଦ୍ମପୁର, ୨୨।୨(ସମିସ): ସ୍ଥାନୀୟ ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ଆଲୋକ ବର୍ତ୍ତିକା' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଜିଲ୍ଲାପାଳ ସ୍ନେହା ଅରୁଗୁଳା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଲୋକକବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା ଓ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଖଗେଶ୍ୱର ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ, ଘୁମର, ଚୁଟକୁ ଚୁଟା, ଘୁଡକା ଓ ପଞ୍ଚରସୀର ତାଳରେ ସମସ୍ତଙ୍କୁ ଝୁମେଇଥିଲେ । କେଶରଞ୍ଜନ ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ଅମ୍ବାରେ ଛାତ୍ରୀମାନେ ଚମତ୍କାର ଅଭିନୟ କରିଥିଲେ । ମହାବିଦ୍ୟାଳୟ ତରଫରୁ ଶ୍ରୀ ପ୍ରଧାନ ଓ ସଙ୍ଗୀତ ନିର୍ଦ୍ଦେଶକ ରମେଶ ଗୁର୍ଲାଙ୍କୁ ଉପଢୌକନ ଦେଇ ଅଧ୍ୟକ୍ଷା ସମ୍ମାନିତ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ସାଂସ୍କୃତିକ ସମ୍ପାଦିକା ଅଧ୍ୟାପିକା ସଙ୍ଗୀତା ଗୌନ୍ତିଆଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଅଧ୍ୟାପିକା ଡ.ଚନ୍ଦ୍ରିକା ଭୋଇ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଅଧ୍ୟାପିକା ସରିତାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।



● ଆପ୍ରାଇଜ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସରେ ଆନ୍ତଃକଲେଜ କ୍ରିକେଟ

## ଆପ୍ରାଇଜ କଲେଜ ବଲାଙ୍ଗିର ଚାମ୍ପିଅନ




ବରଗଡ଼, ୨୨।୨(ସମିସ): ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆପ୍ରାଇଜ ଗ୍ରୁପରେ ଦୀର୍ଘ ଦୁଇ ଦିନଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଆପ୍ରାଇଜ ନର୍ସିଂ କଲେଜ ଆୟୋଜନ କରିଥିଲେ । ଏଥିରେ ଆପ୍ରାଇଜ ଗ୍ରୁପର ବିଭିନ୍ନ ଶାଖାର ସର୍ବମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ ଆପ୍ରାଇଜ କଲେଜ ବଲାଙ୍ଗିର ଓ ଆପ୍ରାଇଜ କଲେଜ ରେଢ଼ାଖୋଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରେଢ଼ାଖୋଲକୁ ବଲାଙ୍ଗିର ଆପ୍ରାଇଜ୍ ୩ ରନରେ ପରାସ୍ତ କରିଥିଲା । ଆପ୍ରାଇଜ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ଇଂ.ଜଗଦୀଶ ଚନ୍ଦ୍ର ବେହେରା, ପରିଚାଳନା ନିର୍ଦ୍ଦେଶକ ଅଭିଳାଷ ହୋତା ଯୋଗଦାନ କରି ବିଜୟୀ ଦଳକୁ ଟ୍ରଫି ଏବଂ ସମ୍ବର୍ଦ୍ଧନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆପ୍ରାଇଜ ଗ୍ରୁପର ସମ୍ପାଦକ ଶରତ ଚନ୍ଦ୍ର ବେହେରା, ବଲାଙ୍ଗିର ଆପ୍ରାଇଜର ଚେୟାରମ୍ୟାନ ଇଂ.ତ୍ରିବିକ୍ରମ ବେହେରା ଉପସ୍ଥିତ ଥିଲେ । ଏହାକୁ ନର୍ସିଂ କଲେଜର ଅଧ୍ୟକ୍ଷ ପଙ୍କଜ ବାଗ ଏବଂ ପ୍ରଶାସନିକ ଅଧିକାରୀ ମାନସ ରଞ୍ଜନ ସାହୁ ପରିଚାଳନା କରିଥିଲେ । ଫାଇନାଲ ମ୍ୟାଚ୍‌ରେ ଗ୍ରୁପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ.ମୁକୁନ୍ଦ ଦାଶ ମଧ୍ୟ ଉପସ୍ଥିତ ଥିଲେ ।

## ସୋହେଲା କପ୍ କ୍ରିକେଟ: ବଲାଙ୍ଗିର ଚାମ୍ପିଅନ

ସୋହେଲା, ୨୨।୨(ସମିସ)



ସୋହେଲା ଆଥଲେଟିକ ଆସୋସିଏସନ ଦ୍ୱାରା ଡ.ରଞ୍ଜନ ମହାପାତ୍ରଙ୍କ ସ୍ମୃତିରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଚାଲିଥିବା ସୋହେଲା କପ କ୍ରିକେଟ ପ୍ରତିଯୋଗିତାର ରବିବାର ଫାଇନାଲ ମ୍ୟାଚ୍ ଏଏଫସିସି ବଲାଙ୍ଗିର ଏବଂ ଲରମ୍ବା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗିର ଦଳ ଲରମ୍ବା ଦଳକୁ ୭ ୱିକେଟରେ ହରାଇ ଚାମ୍ପିଅନ ହୋଇଥିଲା । ଆଜି ଲରମ୍ବା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୨୩ ରନ କରିଥିଲା । ବଲାଙ୍ଗିର ଦଳ ୩ ୱିକେଟ ହରାଇ ୧୨୪ ରନ କରି ଚାମ୍ପିଅନ ହୋଇଛି । ଆଜିର ମ୍ୟାଚ୍‌ରେ ବଲାଙ୍ଗିର ଦଳର ଟୁନା ମିଶ୍ର ଶ୍ରେଷ୍ଠ ଖେଳାଳି ହୋଇଥିବା ବେଳେ ଦଳର ସିଦ୍ଧେଶ୍ୱର ବାଗ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ମ୍ୟାଚ୍ ପରେ ଆୟୋଜକ ଆଥଲେଟିକ ଆସୋସିଏସନର ସଭାପତି ସତ୍ୟନାରାୟଣ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟଙ୍କ ମାତା ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହିତ ନଗଦ ୨୦ହଜାର ଟଙ୍କା ଏବଂ ଉପ ବିଜେତା ଦଳକୁ ଟ୍ରଫି ସହିତ ନଗଦ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ । ଆଜିର ମ୍ୟାଚ୍‌କୁ ଓସିଏ ଅମ୍ପାୟାର ଅକ୍ଷୟ ସାହାଣୀ, ହନୁ ଅଗ୍ରୱାଲ ପରିଚାଳନା କରିଥିଲେ । ପ୍ରଦୀପ୍ତ ଦାଶ ତୃତୀୟ ଏବଂ ଅନ୍ତର୍ଯ୍ୟାମୀ ପଧାନ ଚତୁର୍ଥ ଅମ୍ପାୟାର ଦାୟିତ୍ୱରେ ରହିଥିଲେ । ରିଙ୍କୁ ଭୋଇ, ଚନ୍ଦ୍ରମଣି ଭଞ୍ଜ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଅନିମେଶ ଦେବତା ସ୍କୋରର ଦାୟିତ୍ୱରେ ରହିଥିଲେ । ପ୍ରତିଯୋଗିତା ଆୟୋଜନରେ ସଞ୍ଜୀବ, ରାଜୁ, ଚନ୍ଦ୍ରକାନ୍ତ, ସାହିଦ, ସୁମିତ, ଗିରିଜା ଶିବା, ନୈତିକ, ରବିନ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଶ୍ୱିନୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

